# ପିଲାଙ୍କ ଧରିତ୍ରୀ



# ପଥର ହେଲା ପ୍ରତିମା



## ଗପ

ଥରେ ଜଣେ ମୂର୍ତ୍ତିକାର ଏକ ପଥର ଖଣ୍ଡକୁ ବାଡ଼େଇ ବାଡ଼େଇ ଭଗବାନଙ୍କ ପ୍ରତିମା କରିବାକୁ ପ୍ରୟାସ କରୁଥାନ୍ତି। ଯେମିତି ସେ ଛେଣିକୁ ହାତୁଡ଼ି ଦ୍ୱାରା ପ୍ରହାର କରନ୍ତି ପଥର ଚିତ୍କାର କରି କହେ-ଆରେ ଭାଇ! ମୋ ଶରୀରକୁ କ'ଣ ପାଇଁ ଏଭଳି ଖଣ୍ଡ ଖଣ୍ଡ କରୁଛୁ? ବହୁତ କଷ୍ଟ ହେଉଛି। ମୂର୍ତ୍ତିକାର କୁହନ୍ତି- ତୁ ଯଦି କଷ୍ଟ ସହିବୁ ନାହିଁ ତା'ହେଲେ ଜୀବନ ସାରା ଏମିତି ପଥର ହୋଇ ପଡ଼ି ରହିବୁ। ହେଲେ କଷ୍ଟ ନ ସହି ଶୋଇ ରହିଲେ କେବେ ବି ଆଗକୁ ବଢ଼ିପାରିବୁ ନାହିଁ। ଏହା କହି ମୂର୍ତ୍ତିକାର ପ୍ରହାର କରିବାକୁ ହାତୁଡ଼ି ଉଠାଇବା ମାତ୍ରେ ପୁଣିଥରେ ପଥର ଖୁବ୍ ଜୋର୍ ଚିତ୍କାର କଲା, କହିଲା- ଭାଇ! ମୁଁ ଯେପରି ସ୍ଥିତିରେ ଅଛି ମତେ ସେହି ସ୍ଥିତିରେ ଛାଡ଼ିଦେ। କେଉଁ ଜିନିଷ ଉଚିତ କେଉଁଟି ଅନୁଚିତ ତାହା ମୁଁ ଜାଣେ, ହେଲେ ମୋତେ ଭୀଷଣ ଯନ୍ତ୍ରଣା ହେଉଛି, ଯାହା ମୁଁ ଆଦୌ ସହିପାରୁ ନାହିଁ। ମୋତେ ମୋ ପୂର୍ବ ଅସ୍ତିତ୍ୱରେ ଛାଡ଼ି ଏଠାରୁ ଚାଲିଯାଅ।

ମୂର୍ତ୍ତିକାର ଆଉଥରେ ପଥରକୁ ବୁଝେଇ କହିଲେ- ଦେଖ, ଏତେ ଅଧୀର ହୋଇଯାଅନା। ଧୈର୍ଯ୍ୟ ରଖ। କିଛି ସମୟ ପୀଡ଼ା ସହିଗଲେ ମୁଁ ତୋତେ ଭଗବାନଙ୍କ ପ୍ରତିମାରେ ପରିବର୍ତ୍ତନ କରିଦେବି। ତା'ପରେ ତୁ ମନ୍ଦିରରେ ରହି ପୂଜା ପାଇବୁ। ଦୂର ଦୂରାନ୍ତରୁ କେତେ କେତେ ଲୋକ ତୋର ପୂଜା-ଅର୍ଚ୍ଚନା କରିବାକୁ ଆସିବେ। ବ୍ରାହ୍ମଣ ଏବଂ ଭକ୍ତମାନେ ଦିନ ରାତି ତୋ ସେବା ଆରାଧନା କରିବେ।

ଏତେପରେ ବି ଉକ୍ତ ପଥର ମୂର୍ତ୍ତିକାରର ଅନୁରୋଧ ମାନିଲା ନାହିଁ। ବରଂ ନିଜ ଜିଦରେ ଅଟଳ ରହିଲା। ଶେଷରେ ମୂର୍ତ୍ତିକାର ସେ ପଥରକୁ ପରିତ୍ୟାଗ କରି ଆଗକୁ ବଢ଼ିଲେ। କିଛିଦୂର ଯିବାପରେ ଦେଖିଲେ ପ୍ରଥମ ପଥର ଅପେକ୍ଷା ଚିକ୍କଣ ସୁନ୍ଦର ପଥରଟିଏ ପଡ଼ିଛି। ତୁରନ୍ତ ସେ ଛେଣିରେ ହାତୁଡ଼ି ପ୍ରହାର କରି ଭଗବାନଙ୍କ ପ୍ରତିମା ନିର୍ମାଣ କରିବାରେ ଲାଗି ପଡ଼ିଲେ। ପ୍ରଥମ ପଥର ଭଳି ଦ୍ୱିତୀୟ ପଥରକୁ ମୂର୍ତ୍ତିକାରର ପ୍ରତିଟି ହାତୁଡ଼ି ପ୍ରହାର କଷ୍ଟ ଦେଉଥାଏ, ହେଲେ ପଥରଟି ବରଦାସ୍ତ କରୁଥାଏ। ଦେଖୁ ଦେଖୁ କିଛି ଦିନ ମଧ୍ୟରେ ଦ୍ୱିତୀୟ ପଥର ଭଗବାନଙ୍କର ଏକ ସୁନ୍ଦର ପ୍ରତିମାରେ ପରିବର୍ତ୍ତିତ ହୋଇଗଲା।

କିଛି ଭକ୍ତଙ୍କ ସହାୟତାରେ ଭଗବାନଙ୍କ ପ୍ରତିମାକୁ ମନ୍ଦିରରେ ସ୍ଥାପିତ କରାହେଲା। ବ୍ରାହ୍ମଣର ମନ୍ତ୍ର ପାଠ, ଶଙ୍ଖ, ଘଣ୍ଟା, ମୃଦଙ୍ଗର ତାଳେ ତାଳେ ଭକ୍ତମାନେ ପୂଜା-ଅର୍ଚ୍ଚନା କଲେ। ଦିନେ ପ୍ରଥମ ପଥରକୁ ଉଠେଇଆଣି ମନ୍ଦିରର ଗୋଟେ କୋଣରେ ନଡ଼ିଆ ପଠେଇବା ଲାଗି ରଖାଗଲା। ଭକ୍ତମାନେ ମାନସିକ କରିଥିବା ନଡ଼ିଆକୁ ଉକ୍ତ ପଥରରେ କଚାଡ଼ି ଫଟେଇଲେ। ପଥରଟି ମନେ ମନେ ପଶ୍ଚାତ୍ତାପ କରି ଦୁଃଖରେ କହୁଥିଲା- ଯଦି ମୁଁ ସେଦିନ ମୂର୍ତ୍ତିକାରର ପ୍ରହାର ଖାଇ କଷ୍ଟ ସହି ପାରିଥାନ୍ତି ଆଜି ଲୋକେ ମୋତେ ପୂଜା କରିଥାନ୍ତେ।

ପିଲାଏ, ଜୀବନକୁ ବଳିଷ୍ଠ ରୂପେ ଗଠନ କରିବାକୁ ହେଲେ କଷ୍ଟ ସହିବାକୁ ପଡ଼େ। କଷ୍ଟ କଲେ ନିଶ୍ଚୟ କୃଷ୍ଣ ମିଳିବେ। ପ୍ରଥମ ପଥର ଭଳି ଶୋଇରହିଲେ ଆଗକୁ ବଢ଼ିବାର ମାର୍ଗ ଦେଖାଯିବନି। ବରଂ ଦ୍ୱିତୀୟ ପଥର ଭଳି କଷ୍ଟ ସହିଗଲେ ଲୋକେ ତୁମର ଗୁଣ ଗାନ କରିବେ, ଚିରଦିନ ପାଇଁ ମନେ ରଖିବେ।

**- ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି- ୭୪, ସଲଟ ଲେକ, କୋଲକାତା
ମୋ: ୯୬୮୧୩୭୩୫୧୨

## ଖିଲି ଖିଲି ହସ

ଝିଅଟିଏ ରାସ୍ତାରେ ଯାଉଥିବା ସମୟରେ ଗୁପ୍‌ଚୁପ୍ ଠେଲାରେ ଲେଖା ହୋଇଥିଲା, ଯେଉଁମାନେ ପାଠ ପଢ଼ି ଜାଣି ନାହାନ୍ତି ତାଙ୍କ ପାଇଁ ଗୁପ୍‌ଚୁପ୍ ଫ୍ରି। ଏହାଦେଖି ଝିଅଟି ସଙ୍ଗେସଙ୍ଗେ ଆସି ଦୋକାନୀକୁ କହିଲା, ଭାଇ, ଗୁପ୍‌ଚୁପ୍ ଦିଅ ଖାଇବି। ଗୁପ୍‌ଚୁପ୍ ଖାଇ ସାରି ଯିବାକୁ ଲାଗିଲା। ଏହାଦେଖି ଗୁପ୍‌ଚୁପ୍‌ବାଲା କହିଲା-ମ୍ୟାଡମ୍ ଟଙ୍କା କାହିଁ ?

ଯୁବତୀ -ତୁମ ଠେଲାରେ ବା ଲେଖା ଅଛି ଯେ ପାଠ ପଢ଼ି ଜାଣି ନ ଥିବ ତାଙ୍କ ପାଇଁ ଫ୍ରି।

ଦୋକାନୀ: ମୋର ଦୋକାନରେ ଏ କଥା ଲେଖା ହୋଇଛି ବୋଲି ତୁମେ କେମିତି ଜାଣିଲ ?

ଯୁବତୀ: ପଢ଼ିକି ଜାଣିଲି।

---

ଅଜୟ ମାର୍କେଟକୁ ଯାଇଥିଲା । ସେଠାରେ ଏକ ଛତା ଦୋକାନୀ ବସିଥିବାର ଦେଖିଲା। ଛତା ଦୋକାନୀ ଡାକୁଥିଲା ଛତା ନିଅ ଛତା। ଅଜୟ ସେଇ ଛତା ଦୋକାନୀ ପାଖକୁ ଆସି କହିଲା, ଭାଇ କେତେଟଙ୍କା ?

ଦୋକାନୀ: ଛତାର ଦାମ୍ ୨୦୦ଟଙ୍କା।

ଅଜୟ: ଆଉଟିକେ କମ୍ ନିଅନ୍ତେନି ?

ଦୋକାନୀ: ନିଅ ଏଇ ଛତା ଯାହାର ଦାମ୍ ୫୦ଟଙ୍କା।

ଅଜୟ ଛତାଟିକୁ ଖୋଲି ଦେଖିଲା ବେଳକୁ ଛତାର ଉପରି ଭାଗରେ କପଡ଼ା ନାହିଁ।

## ମତାମତ

▸▸ଏଥର 'ଗପ' ସ୍ତମ୍ଭରେ ପ୍ରକାଶିତ 'ମାଉସୀ ମା'ର ପୋଡ଼ପିଠା'ରୁ ମାଉସୀ ମା'ଙ୍କ ନାମ କିପରି ଅର୍ଦ୍ଧାଙ୍ଗିନୀ ହେଲା ଜାଣିବାକୁ ପାଇଲି, ।

**-ଅନ୍ୱେଷା ଦାସ, ବଡ଼ବିଲ**

▸▸ଏଥର 'କବିତା' ପୃଷ୍ଠାରେ ପ୍ରକାଶିତ କବିତାଗୁଡ଼ିକ ଭଲ ଲାଗିଲା।

**-ତୁଷାରକାନ୍ତ ନାୟକ, କଟକ**

▸▸ 'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି।

**-ବିନାୟକ ନାୟକ, ରାଉରକେଲା**

▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ଦେଖାଯାଉଛି।

**-ପ୍ରିୟଙ୍କା ପାଣି, ପୁରୀ**

## ରଙ୍ଗ ଦିଅ



# ବିନା କାରଣରେ ରାଗୁଥିଲେ...

**ବିନା କାରଣରେ ରାଗୁଛନ୍ତି କି? ଛୋଟ ଛୋଟ କଥାରେ ହଠାତ୍ ଅତ୍ୟଧିକ କ୍ରୋଧ ଆସୁଛି କି! ଏମିତିଭାବେ ଯଦି ବାରମ୍ବାର ଚିଡ଼ିଚିଡ଼ା ହୋଇ ଯାଉଛନ୍ତି ତା'ହେଲେ ଜାଣି ରଖନ୍ତୁ ଆପଣଙ୍କର ଭିଟାମିନ୍-ଡି ଅଭାବ ରହିଛି।**

ବେଳେବେଳେ କିଛି କାରଣ ନ ଥାଇ ହଠାତ୍ ବିରକ୍ତ ଲାଗିବ। ଚିଡ଼ିଚିଡ଼ା ଅନୁଭବ ହେବ। ପ୍ରତି କଥାରେ ବିନା କାରଣରେ ରାଗ ଲାଗିପାରେ। ଛୋଟ ଛୋଟ କଥାରେ ମନରେ ବିରକ୍ତି ଭାବନା ଆସେ। କେବେ ମନ ଅତ୍ୟଧିକ ଅଶାନ୍ତ ରହେ ତ ଆଉ କେବେ କାନ୍ଦ ଲାଗେ। ଯେଉଁମାନଙ୍କର ଏଭଳି ସବୁ ଲକ୍ଷଣ ଥିବ ଜାଣିବାକୁ ହେବ କି ସେମାନଙ୍କର ଭିଟାମିନ୍-ଡି ଅଭାବ ରହିଛି। ଭିଟାମିନ୍-ଡି କମ୍ ଥିଲେ ଶରୀରରେ ଏଭଳି ଲକ୍ଷଣ ସବୁ ଦେଖାଯାଏ, ଏମିତି କି ଡିପ୍ରେସନର ଆଶଙ୍କା ବି ରହିଥାଏ। ତେଣୁ ଏଭଳି ଲକ୍ଷଣ ଥିଲେ ଭିଟାମିନ୍-ଡି ଚେକଅପ୍ କରାଇ ନେବା ଦରକାର। ଏହି କାରଣରୁ ଆଉ କ'ଣ ସବୁ ଲକ୍ଷଣ ଦେଖାଦିଏ ଆସନ୍ତୁ ଜାଣିବା।

- ଦିନ ସାରା ଥକ୍କା ଲାଗିବା।
- ମୁଡ୍ ସ୍ୱିଙ୍ଗ୍ ବା ଡିପ୍ରେସନ୍ ଭଳି ଅନୁଭବ ହେବା।
- ମାଂସପେଶୀରେ ଦରଜ ଓ ଦୁର୍ବଳ ଲାଗିବା।
- ଆଣ୍ଠୁଗଣ୍ଠି ଦରଜ ହେବା, ବିଶେଷକରି ପିଠିରେ ଅଧିକ ଦରଜ ଅନୁଭବ ହେବା।
- ଗୋଇଠି ପାଖ ଗଣ୍ଠି ଦରଜ ହେବା।

ଶରୀରରେ ଯେଉଁମାନଙ୍କର ଭିଟାମିନ୍-ଡି ଅତ୍ୟଧିକ କମ୍ ଥାଏ ସେମାନେ ତୁରନ୍ତ ଡାକ୍ତର ପରାମର୍ଶ କରି ସପ୍ଲିମେଣ୍ଟ ନେବା ଦରକାର। ଏହା ସହିତ ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟ କିରଣରେ ବୁଲନ୍ତୁ। ଖାଦ୍ୟରେ ଡାଇରି ଉତ୍ପାଦ ଅଧିକ ସାମିଲ କରନ୍ତୁ। ଏଭଳି ଉପାୟରେ ଶରୀରରେ ଭିଟାମିନ୍-ଡି'ର ଆବଶ୍ୟକତାକୁ ପୂରା କରିପାରିବେ।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ସଫଳତା ପାଇଁ..

> "ଛାତ୍ରୀଛାତ୍ର ନିଜ ପାଠପଢ଼ା କ୍ୟାରିୟରରେ ସଫଳତା ପାଇବାକୁ ଢେର ଆଶା ରଖିଥାଆନ୍ତି। ହେଲେ ଏହାକୁ ହାସଲ କରିବା ଲାଗି ସୁଚିନ୍ତିତ ଯୋଜନାର ଆବଶ୍ୟକତା ରହିଛି..."

ପାଠ ହେଉ କି ଖେଳକୁଦ ଅବା ଅନ୍ୟ କୌଣସି କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ପିଲାମାନେ ଚାହିଁ ଥାଆନ୍ତି। କେତେକ ଏହାକୁ ନେଇ ଟେନସନ୍‌ର ବଶବର୍ତ୍ତୀ ହୁଅନ୍ତି। କିନ୍ତୁ ଥରେ ଭଲ ଭାବରେ ଚିନ୍ତା କରିବା ସହ ଯୋଜନାବଦ୍ଧ ଭାବେ ଆଗେଇଲେ ଜଣେ ସଫଳତାର ନିକଟତର ହୋଇପାରିବ।

## ଟାଇମ ଟେବଲ

ଏବେ ତ ସ୍କୁଲରେ ପାଠପଢ଼ା ଜୋରସୋରରେ ଚାଲିଛି। କ୍ଲାସରେ କ'ଣ ପଢ଼ା ହେଉଛି ତାହାକୁ ଧ୍ୟାନର ସହ ଲକ୍ଷ୍ୟ କରିବା ଦରକାର। ପ୍ରଥମ କଥା ହେଲା ସ୍କୁଲର ଟାଇମ ଟେବଲ ଠିକ୍ ଭାବରେ ଅନୁସରଣ କରନ୍ତୁ। କୌଣସି କ୍ଲାସ ଯେମିତି ମିସ୍ ନ ହୁଏ, ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ପାଠପଢ଼ା ହେବା ସମୟରେ ନିଜର ଧ୍ୟାନ ପାଠ ଉପରେ ହିଁ କେନ୍ଦ୍ରିତ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କ ସହ ଗପିବା, ପାଠପଢ଼ାରେ ଅଯଥା ଅସୁବିଧା ସୃଷ୍ଟି କରିବା ଆଦୌ ଠିକ୍ ନୁହେଁ। ତା'ପରେ ପାଠପଢ଼ାରେ ଯଦି ସଫଳତା ହାସଲ କରିବାକୁ ଚାହୁଁଛନ୍ତି, ତେବେ ଘରେ କେତେବେଳେ କ'ଣ ପଢ଼ିବେ ତାହାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଆଉ ସେହିଭଳି ପଢ଼ାପଢ଼ି ନିଶ୍ଚିତ କରନ୍ତୁ।

## ଲକ୍ଷ୍ୟ

ପିଲାମାନଙ୍କର ଜୀବନରେ ପାଠପଢ଼ା ବ୍ୟତୀତ ଆଉ କିଛି ଲକ୍ଷ୍ୟ ରହିଥାଏ। ହେଲେ ପାଠ ପଢ଼ିବା ବେଳେ କିପରି ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ, ସେଥିପ୍ରତି ନଜର ଦିଅନ୍ତୁ। ଏହି ସମୟରେ ନିଜକୁ କିପରି ଜଣେ ମେଧାବୀ ଛାତ୍ରୀଛାତ୍ର ଭାବରେ ପରିଚିତ କରାଇବେ, ସେ ନେଇ ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ। ଜୀବନରେ କିଛି ଲକ୍ଷ୍ୟ ନ ଥିଲେ ତାହା ମରୀଚିକା ପରି ହୋଇଯାଏ। ତେଣୁ ସବୁବେଳେ ନିଜ ଲକ୍ଷ୍ୟକୁ କିପରି ହାସଲ କରିବେ ସେନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ।

## ସକାରାତ୍ମକ ମାନସିକତା

ସଫଳତା ହାସଲ କରିବାକୁ ହେଲେ ପିଲାମାନଙ୍କୁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ପଡ଼ିବ। ପାଠକୁ ନେଇ ଟେନ୍‌ସନ ହେଲେ ତାହା ଆହୁରି ବୋଝ ସଦୃଶ ଲାଗିବ। ପାଠକୁ ଠିକ୍ ଭାବରେ ବୁଝିବା ଦରକାର। ଏହି ସମୟରେ ମନରେ ଆଦୌ ନକାରାତ୍ମକ ଭାବନା ଆଣନ୍ତୁ ନାହିଁ। ସମସ୍ତେ ଯେ ସବୁ କ୍ଷେତ୍ରରେ ସଫଳ ହେବେ, ତାହା ଭାବିବା ହୁଏତ ଠିକ୍ ହୋଇ ନ ପାରେ। ହେଲେ ଚେଷ୍ଟା ବଳରେ ଜଣେ ନିଜର ଲକ୍ଷ୍ୟ ହାସଲ କରିପାରିବ। ତେଣୁ ଏହି ସମୟରେ ନିଜର ମାନସିକତା ସକାରାତ୍ମକ ରହିବା ଦରକାର।

## ସାଙ୍ଗସାଥୀ

ସଫଳତା ହାସଲ କରିବାକୁ ହେଲେ ନିଜର ସାଙ୍ଗସାଥୀଙ୍କର ସହଯୋଗକୁ ଗ୍ରହଣ କରିବା ପୂର୍ବରୁ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ସବୁବେଳେ ଏଭଳି ପିଲାଙ୍କ ସହ ମିଶନ୍ତୁ, ଯେଉଁମାନଙ୍କଠାରୁ କିଛି ଭଲ କଥା ଶିଖିପାରିବ। କେତେକ ପିଲା ଏଣୁତେଣୁ କଥା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଏ ବିଷୟରେ ଆଲୋଚନା କରି ଅଯଥା ସମୟ ନଷ୍ଟ କରନ୍ତି। ତେଣୁ ସେଭଳି ସାଙ୍ଗସାଥୀଙ୍କଠାରୁ ଦୂରେଇ ରୁହନ୍ତୁ। ସବୁବେଳେ ଭଲ ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ ଏବଂ ସେମାନଙ୍କର ଭଲ ଗୁଣ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

## ଭୁଲ୍‌ରୁ ଶିକ୍ଷା

ସମସ୍ତେ ଯେ ସବୁବେଳେ ଠିକ୍ କାମ କରିବେ ତାହା ଭାବିବା ଉଚିତ ନୁହେଁ। ବେଳେବେଳେ ଜାଣତରେ ହେଉ ଅବା ଅଜାଣତରେ ଭୁଲ କରିବସନ୍ତି। ତେଣୁ ଏହି ଭୁଲ୍‌କୁ କଦାପି ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ହୁଏତ ତୁମ ପାଇଁ ସମସ୍ୟା ଭାବରେ ଉଭା ହୋଇପାରେ। ତେଣୁ ଭୁଲ୍‌କୁ ସବୁବେଳେ ତର୍ଜମା କରନ୍ତୁ। ତାହାର କାରଣ ଖୋଜି ତାକୁ ତୁରନ୍ତ ସମାଧାନ କରନ୍ତୁ।

## ଶେଷରେ...

ପିଲାମାନେ କିପରି ସଫଳତା ହାସଲ କରିବେ ସେ ନେଇ କେବଳ ମାତା-ପିତା ନୁହନ୍ତି ଗୁରୁଜନ, ସ୍କୁଲର ଶିକ୍ଷୟିତ୍ରୀ-ଶିକ୍ଷକ ବିଭିନ୍ନ ପରାମର୍ଶ ଦେଇଥାଆନ୍ତି। ତେଣୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରନ୍ତୁ। କାରଣ ସେମାନେ ସବୁବେଳେ ଚାହାନ୍ତି ଯେ ପିଲାମାନେ କିପରି ସବୁକ୍ଷେତ୍ରରେ ସଫଳ ହୁଅନ୍ତୁ।

## ସେମାନେ ଯାହା କରନ୍ତି...

### ସବୁବେଳେ ଯୋଜନାବଦ୍ଧ ଭାବରେ ଆଗେଇଥାଏ



ସବୁ ଛାତ୍ରୀଛାତ୍ରଙ୍କର ନିଜ ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିବା ଦରକାର। ମୁଁ ଏବେ ପଢ଼ୁଛି ତେଣୁ ଏବେ ମୋ ଲକ୍ଷ୍ୟ କେମିତି ମୁଁ ଭଲ ମାର୍କ ରଖି ପାସ୍ କରିବି। ତା'ପରେ ଭବିଷ୍ୟତରେ କ'ଣ ପଢ଼ିଲେ ମୁଁ ଭଲ ଚାକିରିଟିଏ କରିପାରିବି ତାହା ସ୍ଥିର କରିବି। ମୁଁ ସବୁବେଳେ ସ୍କୁଲରେ ପାଠରେ ହିଁ ମନ ରଖିଥାଏ। ଅଯଥାରେ କାହା ସହ ଗପିବାକୁ ମୋତେ ଭଲ ଲାଗେନା। ଭବିଷ୍ୟତରେ ଚାକିରି କରିବା ସହ ସମାଜସେବା କରିବାକୁ ଆଶା ରଖିଛି।

**-ଅରମାନ ସ୍ୱୟଂ ପ୍ରକାଶ,** କ୍ଲାସ-୭,
ଡିଏଭି ପବ୍ଲିକ୍ ସ୍କୁଲ, ନିମାପଡା, ପୁରୀ

### ଆତ୍ମବିଶ୍ୱାସ ଦୃଢ଼ ହେବା ଦରକାର



ସଫଳତା ହାସଲ କରିବାକୁ ହେଲେ ପ୍ରଥମେ ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। ଆଗାମୀ ପରୀକ୍ଷାରେ କ୍ଲାସରେ ଟପ୍ପର ହେବାକୁ ଲକ୍ଷ୍ୟ ରଖିଛି। ତେଣୁ ସେ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି। କ୍ଲାସ୍ ୱାର୍କ, ହୋମ୍‌ୱାର୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛି। ସ୍କୁଲକୁ ଯିବା ବ୍ୟତୀତ ଟ୍ୟୁଶନ ହେଉଛି। ତେଣୁ ମୋର ବର୍ତ୍ତମାନ ଗୋଟିଏ ଲକ୍ଷ୍ୟ କେମିତି ଭଲ ପଢ଼ିବି। ସେଥିପାଇଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି।

**-ଓମ୍ ମହାରଣା,** କ୍ଲାସ-୧୦,
ହିମାଳୟ ହାଇସ୍କୁଲ, ମୁମ୍ବାଇ





୧




୨



୩



୭



୪



୫



୬



**ସୁଦୀକ୍ଷା ମିଶ୍ର**
କ୍ଲାସ- ୧, ମିଶନ ସ୍କୁଲ, ଜଟଣୀ, ଖୋର୍ଦ୍ଧା

୧

**ପ୍ରଚିତା ପ୍ରିୟଦର୍ଶିନୀ**
କ୍ଲାସ-୩, ଶ୍ରୀ ଜୟଦେବ ଇଣ୍ଟରନ୍ୟାସନାଲ ସ୍କୁଲ, ପଟିଆ, ଭୁବନେଶ୍ୱର



୨



**ଆୟୁଷ ମିଶ୍ର**
କ୍ଲାସ-୮, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

୩

**ଜିନା ଚୌଧୁରୀ**
କ୍ଲାସ-୭, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି



୪



**ଶାଶ୍ୱତ ଦେହୁରୀ**
କ୍ଲାସ-୭, ଆଦର୍ଶ ଓଡିଆ ବିଦ୍ୟାଳୟ, ବୀରମହାରାଜପୁର, ସୁବର୍ଣ୍ଣପୁର

୫

**କିର୍ତ୍ତୀ ପାତ୍ର**
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା



୬



**ଜିଜ୍ଞାସା ପଟ୍ଟନାୟକ**
କ୍ଲାସ- ୧, ବିଜେଇଏମ୍-୧ ସ୍କୁଲ, ଭୁବନେଶ୍ୱର

୭

**ସମୀର କୁମାର ବିଷ୍ଣୋଇ**
କ୍ଲାସ- ୫, କନ୍ହେଇବନ୍ଧ ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ



୮



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ରୋଷେଇରେ ରେକର୍ଡ

ଘର ରୋଷେଇ ବ୍ୟତୀତ କେତେଜଣ ଭୋଜିରେ ବହୁ ପରିମାଣର ରୋଷେଇ କରିପାରନ୍ତି। ବେଳେବେଳେ ଖିଆଲି ମନରେ କିଛି ଲୋକ ଏତେ ରୋଷେଇ କରିଦିଅନ୍ତି ଯେ ରେକର୍ଡ କରି ବସନ୍ତି। ଠିକ୍ ଏମିତି କିଛି କରିଛନ୍ତି ମେକ୍ସିକୋର ଜଣେ ବିକ୍ରେତା ଆଡଜୁଡିକେଟର କାର୍ଲୋସ ଟପିଆ ରୋଜାସ୍। ୨,୯୮୦ କିଲୋଗ୍ରାମର ଗୁଆକାମୋଲ (ମେକ୍ସିକୋର ଏକ ପ୍ରକାରର ଖାଦ୍ୟ) ରାନ୍ଧି ସେ ଗିନିଜ୍ ରେକର୍ଡ କରିଛନ୍ତି। ଏତେ ପରିମାଣର ଖାଦ୍ୟକୁ ରାନ୍ଧିବା ପାଇଁ କାର୍ଲୋସଙ୍କୁ ସାହାଯ୍ୟ କରିଥିଲେ ତାଙ୍କର ୮୧୫ ଜଣ ସହଯୋଗୀ। ମେକ୍ସିକୋରେ ଏକ ସ୍ୱତନ୍ତ୍ର ଉତ୍ସବ ସମୟରେ ୨୦୧୭ ମସିହାରେ ରନ୍ଧା ହୋଇଥିଲା ଏହି ଗୁଆକାମୋଲ। ଏଥିପାଇଁ ବ୍ୟବହାର ହୋଇଥିଲା ୨୫,୦୦୦ଟି ଆଭୋକାଡୋ, ୩,୫୦୦ ଟମାଟୋ, ୩୦୦୦ ଲେମ୍ବୁ, ୭୫୦ଟି ପିଆଜ ଏବଂ ୯୦ ବିଡା ଧନିଆପତ୍ର। ଏହା ପୂର୍ବରୁ ମେକ୍ସିକୋରେ ୨,୬୬୯ କିଲୋଗ୍ରାମ ଓଜନ ଖାଦ୍ୟ ରନ୍ଧା ହେବାର ରେକର୍ଡ ଥିଲା।



# କ ବି ତା

## ଆ'ରେ ବରଷା

ଆ'ରେ ବରଷା ଆ'
ଝରଝର ଝରି ଟାଙ୍ଗରା ଭୂଇଁକୁ
ଶାଗୁଆ କରିକି ଯା' ।
ଆ'ରେ ବରଷା ଆ'
ଚଷାଭାଇ ଚାହିଁ ରହିଚି ତୋ ବାଟ
ତା' ଗୁହାରି ଶୁଣୁ ଥା'।
ରମୁ ଖୁସି ହବ ସରୁ ସୁଅ ଧାରେ
ଭସେଇ କାଗଜ ନାଆ ।
ଜଗତ ହିତରେ ବରଷକ ପାଇଁ
ଦାନାପାଣି ଦେଇ ଯା' ।
ଆ'ରେ ବରଷା ଆ'
ମେଘ ସବାରିରୁ ଅମିୟ ବରଷି
ମଙ୍ଗଳ ସଙ୍ଗୀତ ଗାଆ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା– ୪
ମୋ: ୯୦୯୦୩୩୦୮୫୯

## ଆସ ଯିବା ପାଠ ପଢ଼ି

ମୁନାମୁନି ଯିବେ ପଢ଼ିବା ପାଇଁ
କିଏ କିଏ ଯିବ ଆସରେ ବେଗି।
ପଢ଼ାଇବେ ସେଠି ତୁମକୁ ଗୁରୁ
ପାଠେ ଠକିବନି ତୁମେ ଜମାରୁ
ଗୁରୁଜୀଙ୍କ କଥା ରଖି ଧ୍ୟାନରେ
ଘୋଷୁଥିବ ଲେଖି ଟିପା ଖାତାରେ।
ପାଠରେ ଅଳସ ହୋଇବ ନାଇଁ
ବିଦ୍ୟାଳୟେ ବସି ପଢ଼ିବ ପାଠ
ପାଠ ପଢ଼ି ହେବ ଉତ୍ତମ ଚାଟ
ରଖିବନି କେବେ ପାଠରେ ଡର
ପାଠରେ ରହିଛି ଭଲ ସଂସ୍କାର।
ସ୍କୁଲ ଅଟେ ଆମ ବିଦ୍ୟାର ଭୂଇଁ
ସହପାଠୀ ସଂଗେ ହୋଇଣ ମେଳ
ଖେଳବେଳେ ତୁମେ ଖେଳିବ ଖେଳ
ବହି ବସ୍ତାନିକୁ କାନ୍ଧରେ ଧରି
ସ୍କୁଲରୁ ଆସିବ ଆନନ୍ଦେ ଫେରି।

**– ରାମ ଚନ୍ଦ୍ର ପ୍ରଧାନ**
ଟେକ୍ନିକାଲ୍ ହାଇସ୍କୁଲ୍,ଆସିକା,ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ସାଧବବୋହୂ

ସାଧବବୋହୂରେ ସାଧବବୋହୂ,
କହ ତୁ ଆଗରୁ କୋଉଠି ଥାଉ ?
ଯେବେ ବର୍ଷା ଆସି ଛୁଇଁଲା ଧରା,
ଥିରିଥିରି ଦେଖା ଦେଉ ତୁ ପରା !
ନାଲି ଟୁକୁଟୁକୁ ଦେହଟି ତୋର,
ଦେଖିଲେ ମନରେ ଶରଧା ଝରେ।
ତୋ ରୂପର କାହିଁ ତୁଳନା ଅବା,
ଆଖି ଯାଏ ଲାଖି ମୁହୂର୍ତ୍ତେ କିବା !
ସବୁଜ ଘାସରେ ନାଲିଆ ବିନ୍ଦି,
ମନକୁ ସହଜେ ପାରଇ ବାନ୍ଧି।
ଚାଲି ତୋର ଭାରି ହୃଦୟ ମୋହେ,
ଲୋହିତ ସୁନ୍ଦର କଅଁଳ ଦେହେ।
ପୃଥିବୀ ମାଆର କୋଳରେ ଥାଇ,
ହସୁଥା' ଖେଳୁଥା' କାଳକ ପାଇଁ ।
ଆମ ପାଖୁ କେବେ ଯାଆନା ହଜି,
ମରତେ ଥା' କୁନି ବୋହୂଟେ ସାଜି।

**– ରୁଦ୍ରମାଧବ ସାହୁ**
ବାଘମୁଣ୍ଡା, କାକଟପୁର, ପୁରୀ
ମୋ : ୬୩୭୦୧୩୧୨୬୯

## ଡାକବାଲା

ଡାକବାଲା ଭାଇ ସାଇକଲ ଚଢ଼ି
ବୁଲେ ଦୁଆର ଦୁଆର
ଦିନ ଦି'ପହର ଗାଆଁରୁ ସହର
ବାଣ୍ଟେ ସେ ଚିଠି ପତର
ବତାସ ବରଷା ବଇଶାଖୀ ଖରା
ହେଉ'ବା ଶୀତ କାକର
ନ କରି ଖାତର ଦିଅଇ ଖବର
ଭୁଲି ପାତର ଅନ୍ତର
ସାଥେ ଛତା ଜୋତା ମୁଣ୍ଡେ ଟୋପିଟିଏ
ପିନ୍ଧି ମାଟିଆ ପୋଷାକ



ବାଟେ ଘାଟେ ଭେଟ ହେଲେ ହସି ଦିଏ
ଥିଲେ ବି ଦୁଃଖ ଅନେକ।
ଚିଠି ଗୋଟି ଗୋଟି ଅଲଗା କରଇ
ରଖେ ମୁଣାର ଭିତର
କାମରେ ତତ୍ପର ହୁଏ ସେ ହାଜର
କରେ ସଭିଙ୍କୁ ନିଜର
ଅଛି ଡାକଘର ଡାକବାଲା ଡାକ
ନାହିଁ ମଧୁର ଅତୀତ
ବଦଳି ଗଲାଣି ରୂପରେଖ ଆଜି
ଯୁଗ ସମୟ ସହିତ।

**– ସୁହଂସ ଭୋଇ**
ପହଣ୍ଡି, ବରଗଡ଼
ମୋ:୯୪୩୭୫୨୨୪୫୫

## ଏଥରର

- ଆମେରିକାର କେଉଁ ରାଜ୍ୟ 'ସନ୍‌ସାଇନ୍ ଷ୍ଟେଟ୍'ଭାବେ ଜଣାଶୁଣା ?
- ଆୟତନ ଅନୁସାରେ ବିଶ୍ୱର ସବୁଠୁ କ୍ଷୁଦ୍ର ଦେଶ ?
- ସ୍ପେନ୍‌ର ରାଜଧାନୀର ନାମ ?
- ଟାଇଟାନିକ୍ ଫିଲ୍ମର ନିର୍ଦ୍ଦେଶକ କିଏ ?
- 'ଦି ଗ୍ରେଟ୍ ଗଟ୍‌ସବେ' ଉପନ୍ୟାସ କିଏ ଲେଖିଛନ୍ତି ?

## ଗତଥରର ଉତ୍ତର

- ଚାର୍ଲସ ଡାରୱିନ୍
- ୱାଟ୍
- ଆଲେକଜାଣ୍ଡାର ଗ୍ରାହମବେଲ୍
- ଭିଟାମିନ୍ ସି
- ଶ୍ୱେତ ରକ୍ତକଣିକା

## କହିଲ ଦେଖି

ଦେହ ସାରା କଣ୍ଟା ପେଟରେ ଅଠା
ଖାଇଲେ ଲାଗଇ ମିଠା
ସାବିତ୍ରୀ, ରଜରେ ଭାର ଦିଆଯାଏ
ଏହି ଫଳ ନାମ କହିବ ଯିଏ
ସୁନା ପିଲାଟିଏ ହୋଇବ ସିଏ।



**ଉତ୍ତର – ପଣସ**

ଆମ ଭାରତର ଜାତୀୟ ଫଳ
ଭାରି ରସାଳ,
ଦେଖି ଦେଲେ ଅଜା
ପାକୁଆ ପାଟିରୁ ବୁହଇ ଲାଳ
ଫଳ ନାମ ଟିକୁ ଦିଅ ବତାଇ
ଜହ୍ନ ରାଇଜକୁ ନେବି ବୁଲାଇ।



**ଉତ୍ତର – ଆମ୍ବ**

ଫଳ ମଧ୍ୟେ ଶ୍ରେଷ୍ଠ ଏହିଟି ଜାଣ
ପୂଜା ପାର୍ବଣରେ ଲାଗଇ କାମ
ପିଠି ଟାଣୁଆ ପେଟ ନରମ
ଭୋକ ଶୋଷ ଦିଏ ମାରି
କହିଲ ପିଲେ ନାମ ତାହାରି।



**ଉତ୍ତର – ନଡ଼ିଆ**

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮



# ହାତପାହାନ୍ତାରେ ମାମୁଘର

" ଆଲୋକର ବିଶାଳ ବେଗକୁ ନେଇ ହିସାବ କଲେ ଜଣାପଡ଼ିବ ଯେ, ଆମ ପୃଥିବୀଠାରୁ ଜହ୍ନମାମୁର ହାରାହାରି ଦୂରତା ୩ ଲକ୍ଷ ୮୪ ହଜାର ୪୦୦ କିମି । ଆମ ପାଇଁ ଏଇଟା ବହୁତ ଦୂର ହୋଇଗଲା । ଶହେ କି ଦୁଇ ଶହ କିଲୋମିଟର ଦୂରକୁ ଯିବା ପାଇଁ ବସ୍ ଚଳିବ । ଆଉ ବେଶି ଦୂର ହେଲେ ରେଳଗାଡ଼ି । ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶକୁ ଗଲେ ଉଡ଼ାଜାହାଜ । ମାମୁଘରକୁ ଯିବା ପାଇଁ ବସ୍–ରେଳଗାଡି–ଉଡ଼ାଜାହାଜ ନୁହେଁ, ବରଂ ଶକ୍ତିଶାଳୀ ରକେଟ୍ ଦରକାର।"

ବିଜ୍ଞାନ ଭାଷାରେ ଆମ ପୃଥିବୀର ଚନ୍ଦ୍ର ହେଉଛି ଉପଗ୍ରହ। କିନ୍ତୁ ଆମ ଭାଷାରେ ପୃଥିବୀ ହେଉଛି ମାଆ ଓ ଚନ୍ଦ୍ର ଆମର ମାମୁ ... 'ଜହ୍ନମାମୁ'। 'ଜହ୍ନମାମୁ' କଥାପଡ଼ିଲେ କାନ୍ଦୁଥିବା କୁନି ପିଲା ବି ଚୁପ୍ ହୋଇଯାଏ। ଆମେ ସମସ୍ତେ ଚନ୍ଦ୍ରକୁ ଯିବା ପାଇଁ ସ୍ୱପ୍ନ ଦେଖୁ। ଆମ ବୈଜ୍ଞାନିକମାନେ ବି ଚନ୍ଦ୍ରରେ ପାଦ ଦେବାକୁ ସ୍ୱପ୍ନ ଦେଖୁଥିଲେ ଏବଂ ଏଯାଏ ୧୨ ଜଣ ଚନ୍ଦ୍ରରେ ପାଦ ଥାପିଛନ୍ତି। ପ୍ରଥମେ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପାଦ ଦେବାର ଗୌରବ ଅର୍ଜନ କରିଥିଲେ ଓ ହାରିଶନ୍ ସ୍ମିତ୍ ହେଉଛନ୍ତି ଚନ୍ଦ୍ର ଉପରେ ଚାଲିଥିବା ଶେଷ ମହାକାଶଚାରୀ। ଏବେ ପ୍ରଶ୍ନ ଆସିବ, ଯଦି ଲକ୍ଷ ଲକ୍ଷ ଲୋକ ଚନ୍ଦ୍ରପୃଷ୍ଠକୁ ଯିବା ଲାଗି ଇଚ୍ଛୁକ, କେବଳ ୧୨ ଜଣ କାହିଁକି ଯାଇପାରିଲେ ? ଏହା ପଛରେ ଅନେକ କାରଣ ରହିଛି । କିନ୍ତୁ ସବୁ କାରଣ ଭିତରୁ ମୁଖ୍ୟ ବିଷୟଗୁଡ଼ିକ ହେଉଛି: ସେଠାକୁ ଯିବା ଲାଗି ମହାକାଶଯାନ, ପୃଥିବୀଠାରୁ ଚନ୍ଦ୍ରର ଦୂରତା ଓ ଚନ୍ଦ୍ରପୃଷ୍ଠକୁ ଯିବା ସକାଶେ କଷ୍ଟକର ପ୍ରଶିକ୍ଷଣ। ଆମେ ଏଠାରେ ଆମଠାରୁ ଚନ୍ଦ୍ରର ଦୂରତା ବିଷୟରେ କେବଳ ଆଲୋଚନା କରିବା।

ଶୁଖିଲା ମାଟି, ପଥର ଓ ଧାତୁରେ ତିଆରି ଆମର ଚନ୍ଦ୍ର। ଏହାର ନିଜର ଆଲୋକ ନାହିଁ। ଏହା ଉପରେ ସୂର୍ଯ୍ୟର କିରଣ ପଡ଼ିଲେ ଏହା ଉଜ୍ଜ୍ୱଳ ଦିଶେ। ଚନ୍ଦ୍ରପୃଷ୍ଠରୁ ଯେଉଁ ଆଲୋକ ଆସେ, ତାହା ପ୍ରତିଫଳିତ ସୂର୍ଯ୍ୟ କିରଣ। ଚନ୍ଦ୍ରପୃଷ୍ଠରୁ ଆଲୋକ ଆସି ଆମ ପାଖରେ ପହଞ୍ଚିବା ପାଇଁ ଏକ ସେକେଣ୍ଡରୁ ଟିକିଏ ଅଧିକ ଓ ଦେଢ଼ ସେକେଣ୍ଡରୁ ଟିକିଏ କମ୍ ସମୟ ଲାଗେ। ଦଶମିକ ସଂଖ୍ୟାରେ ସେହି ସମୟକୁ ୧.୨୮ ସେକେଣ୍ଡ ଲେଖାଯାଏ। ସମୟ ଜଣାଅଛି। ଆଲୋକର ବେଗ ଜାଣିଲେ ଚନ୍ଦ୍ରର ଦୂରତା ଜାଣିହେବ। ଆଲୋକର ବେଗ ସବୁଠାରୁ ଅଧିକ। ଏହା ୧ ସେକେଣ୍ଡ ସମୟ ଭିତରେ ୨୯୯୭୯୨୪୫୮ ମିଟର ଦୂରତା ଅତିକ୍ରମ କରିପାରେ। ଏହି ବିଶାଳ ବେଗକୁ ସେକେଣ୍ଡ ପ୍ରତି ପାଖାପାଖି ୩ ଲକ୍ଷ କି.ମି କହିପାରିବା।

ଏବେ ମାମୁଘରର ଦୂରତା ଜାଣିପାରିବା। ଆଲୋକର ବିଶାଳ ବେଗକୁ ନେଇ ହିସାବ କଲେ ଜଣାପଡ଼ିବ ଯେ, ଆମ ପୃଥିବୀଠାରୁ ଜହ୍ନମାମୁର ହାରାହାରି ଦୂରତା ୩ ଲକ୍ଷ ୮୪ ହଜାର ୪୦୦ କି.ମି.। ଆମ ପାଇଁ ଏଇଟା ବହୁତ ଦୂର ହୋଇଗଲା। ଶହେ କି ଦୁଇଶହ କିଲୋମିଟର ଦୂରକୁ ଯିବା ପାଇଁ ବସ୍ ଚଳିବ। ଆଉ ବେଶି ଦୂର ହେଲେ ରେଳଗାଡ଼ି । ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶକୁ ଗଲେ ଉଡ଼ାଜାହାଜ। କିନ୍ତୁ ମାମୁଘରକୁ ଯିବା ପାଇଁ ବସ୍–ରେଳଗାଡି–ଉଡ଼ାଜାହାଜ ନୁହେଁ, ବରଂ ଶକ୍ତିଶାଳୀ ରକେଟ୍ ଦରକାର। ପ୍ରଥମ ଥର ପାଇଁ ୧୯୬୯ ଜୁଲାଇ ୧୬ ତାରିଖରେ ନିଲ୍ ଆଲଡେନ୍ ଆର୍ମଷ୍ଟ୍ରଙ୍ଗ୍, ଏଡ୍ଉଇନ୍ ଇଉଜେନ୍ ଆଲଡ୍ରିନ୍ ଜୁନିୟର୍ ଓ ମାଇକେଲ୍ ଆଲେନ୍ସ କଲିନ୍ସ ନାମକ ୩ ଜଣ ମହାକାଶଚାରୀ ପୃଥିବୀପୃଷ୍ଠରୁ ବାହାରି 'ସଟର୍ନ–୫' ନାମକ ରକେଟ୍ ସାହାଯ୍ୟରେ ଯାଇ ୨୦ ତାରିଖରେ ଚନ୍ଦ୍ରପୃଷ୍ଠରେ ପାଦ ଦେଇଥିଲେ। ସେମାନେ ପୁଣି ଜୁଲାଇ ୨୧ ତାରିଖରେ ସେଠାରୁ ବାହାରି ୨୪ ତାରିଖ ଦିନ ପୃଥିବୀରେ ପହଞ୍ଚିଥିଲେ। ତେଣୁ ମାମୁଘରକୁ ଯିବା ପାଇଁ ରକେଟ୍ ନିହାତି ଦରକାର।

କେବଳ ମାମୁଘର କଥା ଭାବିଲେ ଆମକୁ ଲାଗୁଛି ଅନେକ ଦୂର। ଏହି ଦୂରତାକୁ ସୂର୍ଯ୍ୟ କିମ୍ବା ତାରାମାନଙ୍କର ଦୂରତା ସହିତ ତୁଳନା କଲେ ମାମୁଘର ଦୂରତା ନଗଣ୍ୟ ଲାଗିବ। ପ୍ରଥମେ ସୂର୍ଯ୍ୟର ଦୂରତ୍ୱକୁ ବିଚାର କରିବା। ଚନ୍ଦ୍ରରୁ ଆଲୋକ ଆସି ପୃଥିବୀରେ ପହଞ୍ଚିବା ପାଇଁ ମାତ୍ର ୧.୩ ସେକେଣ୍ଡ ଲାଗେ। କିନ୍ତୁ ସୂର୍ଯ୍ୟଠାରୁ କିରଣ ଆସି ଆମ ନିକଟରେ ପହଞ୍ଚିବା ପାଇଁ ୮ ମିନିଟ୍ ୧୯ ସେକେଣ୍ଡ ଲାଗିଥାଏ। ତେଣୁ ପୃଥିବୀଠାରୁ ସୂର୍ଯ୍ୟର ଦୂରତା ୧୪୯୬୦୦୦୦୦ କିଲୋମିଟର, ପ୍ରାୟ ୧୫ କୋଟି କିମି। ବିଶ୍ୱବ୍ରହ୍ମାଣ୍ଡରେ ଆମର ସୂର୍ଯ୍ୟ ଭଳି ଅଗଣିତ ତାରା ଅଛନ୍ତି। ଅନେକ ତାରାକୁ ଆମେ ରାତିରେ ଦେଖୁ। ସୂର୍ଯ୍ୟ ହେଉଛି ଆମର ନିକଟତମ ତାରା। ସୂର୍ଯ୍ୟ ପରେ ଯେଉଁ ତାରା ଆମର ନିକଟତର, ତାହାର ନାମ 'ପ୍ରୋକ୍ସିମା ସେଣ୍ଟାଉରୀ', ଯାହାର ଆଲୋକ ଆସି ଆମ ପାଖରେ ପହଞ୍ଚିବା ପାଇଁ ୪ ବର୍ଷ ୩ ମାସ ସମୟ ଲାଗେ। ଲକ୍ଷ ଲକ୍ଷ ତାରା ଅଛନ୍ତି, ଯାହାର କିରଣ ପୃଥିବୀରେ ପହଞ୍ଚିବା ପାଇଁ କୋଟି କୋଟି ବର୍ଷ ଲାଗିଯାଏ । ଅତଏବ ତାରାମାନଙ୍କର ଦୂରତା ବିଷୟରେ ଚିନ୍ତା କଲେ ଆମ ଜହ୍ନମାମୁ ମାତ୍ର ୧ ସେକେଣ୍ଡ ଦୂରତାରେ ଅଛି। ତେଣୁ 'ହାତପାହାନ୍ତାରେ ଆମ ମାମୁଘର' କହିଲେ କିଛି ଭୁଲ୍ ହେବ ନାହିଁ।

**– ଡ. କମଳାକାନ୍ତ ଜେନା**
ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ
ଅଟୋନମସ୍ କଲେଜ
ମୋ : ୯୪୩୯୫୦୧୬୫୧



# ଆ ଇ ନା



ଆରାଧ୍ୟା ଆୟୁଷୀ
୭ ବର୍ଷ/ନୟାଗଡ଼




ବେବିଜ୍ ସାହୁ
୩ ବର୍ଷ/ଗଞ୍ଜାମ